CS (Main) Exam, 2020

ବିୟୋଜ୍ୟ DETACHABLE

ଓଡ଼ିଆ (ପତ୍ର I)
(ସାହିତ୍ୟ)
ODIA (Paper I)
(LITERATURE)

ସମୟ : ତିନିଘଣ୍ଟା *Time Allowed : Three Hours*	*ପୂର୍ଣ୍ଣ ସଂଖ୍ୟା : 250* *Maximum Marks : 250*

ପ୍ରଶ୍ନପତ୍ରଭିତ୍ତିକ ନିର୍ଦ୍ଦେଶ

ଉତ୍ତର ପ୍ରଦାନ କରିବା ପୂର୍ବରୁ ନିମ୍ନଲିଖିତ ନିର୍ଦ୍ଦେଶାବଳୀ ଯତ୍ନପୂର୍ବକ ପାଠ କରିବା ଅନିବାର୍ଯ୍ୟ ।

ଏଥିରେ ଦୁଇଟି ବିଭାଗରେ ବିଭକ୍ତ ସମୁଦାୟ ଆଠୋଟି ପ୍ରଶ୍ନ ପ୍ରଦତ୍ତ ।

ପରୀକ୍ଷାର୍ଥୀଙ୍କୁ ତନ୍ମଧ୍ୟରୁ ପାଞ୍ଚୋଟି ପ୍ରଶ୍ନର ଉତ୍ତର ଦେବାକୁ ହେବ ।

ପ୍ରଥମ (1) ଓ ପଞ୍ଚମ (5) ପ୍ରଶ୍ନ ବାଧ୍ୟତାମୂଳକ । ଏତଦ୍‌ବ୍ୟତୀତ ବାକି ପ୍ରଶ୍ନଗୁଡ଼ିକ ମଧ୍ୟରୁ ପ୍ରତ୍ୟେକ ବିଭାଗରୁ ଅନ୍ୟୂନ ଗୋଟିଏ କରି ଯେକୌଣସି ତିନୋଟି ପ୍ରଶ୍ନର ଉତ୍ତର ଦେବାକୁ ପଡ଼ିବ ।

ପ୍ରତ୍ୟେକ ପ୍ରଶ୍ନ/ପ୍ରଶ୍ନାଂଶ ପାର୍ଶ୍ୱରେ ତା'ର ମୂଲ୍ୟ ନିର୍ଦ୍ଦେଶିତ ।

ସମସ୍ତ ପ୍ରଶ୍ନର ଉତ୍ତର ଓଡ଼ିଆରେ ଲେଖିବାକୁ ହେବ ।

ଯେଉଁଠାରେ ପ୍ରଶ୍ନର ଉତ୍ତର ପାଇଁ ଶବ୍ଦସଂଖ୍ୟା ନିର୍ଦ୍ଧାରିତ କରାଯାଇଛି, ଉତ୍ତର ଅନୁରୂପଭାବେ ପ୍ରଦାନ କରିବା ବିଧେୟ ।

ପ୍ରଦତ୍ତ ପ୍ରଶ୍ନର ଉତ୍ତରଗୁଡ଼ିକ କ୍ରମାନ୍ୱୟରେ ପ୍ରଦାନ କରାଯିବା ବିଧେୟ । ସ୍ପଷ୍ଟରୂପେ କଟାଯାଇ ନ ଥିଲେ, ଆଶିଂକଭାବେ ପ୍ରଦତ୍ତ ଯେକୌଣସି ଉତ୍ତର ମଧ୍ୟ ବିଚାରଯୋଗ୍ୟ ହେବ । ଉତ୍ତରପତ୍ରର ଅଲିଖିତ ପୃଷ୍ଠା ବା ପୃଷ୍ଠାଂଶ ସ୍ପଷ୍ଟରୂପେ କଟାଯିବା ବିଧେୟ ।

QUESTION PAPER SPECIFIC INSTRUCTIONS

Please read each of the following instructions carefully before attempting questions.

There are **EIGHT** questions divided in **TWO SECTIONS**.

Candidate has to attempt **FIVE** questions in all.

Question Nos. **1** and **5** are compulsory and out of the remaining, **THREE** are to be attempted choosing at least **ONE** from each Section.

The number of marks carried by a question/part is indicated against it.

Answers must be written in ODIA (Odia script).

Word limit in questions, wherever specified, should be adhered to.

Attempts of questions shall be counted in sequential order. Unless struck off, attempt of a question shall be counted even if attempted partly. Any page or portion of the page left blank in the Question-cum-Answer Booklet must be clearly struck off.

Optional Province · optionalprovince.com

ବିଭାଗ 'A' SECTION 'A'

1.	ପ୍ରତ୍ୟେକ ପ୍ରଶ୍ନକୁ **150** ଶବ୍ଦ ମଧ୍ୟରେ ଆଲୋଚନା କର :	10×5=50
1.(a)	ସମୀଭବନର ସଂଜ୍ଞା ନିରୂପଣ କରି ବିଭିନ୍ନ ପ୍ରକାର ସମୀଭବନର ଉଦାହରଣ ଦିଅ ।	10
1.(b)	ଧ୍ୱନ୍ୟାତ୍ମକ ଶବ୍ଦର ଅର୍ଥଦୃଷ୍ଟିରୁ କିପରି ବିଭାଗୀକରଣ କରାଯାଇଥାଏ ?	10
1.(c)	'ପ୍ରତ୍ୟକ୍ଷ ଉକ୍ତି' ଓ 'ପରୋକ୍ଷ ଉକ୍ତି'ର ପ୍ରଭେଦ ଦର୍ଶାଅ ।	10
1.(d)	ବ୍ୟୁତ୍ପତ୍ତିଗତ ଅର୍ଥ କହିଲେ କ'ଣ ବୁଝାଏ ?	10
1.(e)	ସନ୍ଧିଗତ ଓ ସମାସଗତ ଅଶୁଦ୍ଧିର ଉଦାହରଣ ପ୍ରଦାନ କର ।	10
2.	ନିମ୍ନଲିଖିତ ପ୍ରଶ୍ନର ଉତ୍ତର ଦିଅ :	
2.(a)	ଷୋଡ଼ଶ ଶତାବ୍ଦୀ ଓଡ଼ିଆ ଭାଷାର ବୈଶିଷ୍ଟ୍ୟ ଦର୍ଶାଅ ।	20
2.(b)	କାରକ କ'ଣ ? ବିଭିନ୍ନ ପ୍ରକାର କାରକର ପ୍ରୟୋଗବିଧି ଉପରେ ଆଲୋକପାତ କର ।	15
2.(c)	ଓଡ଼ିଆ ଭାଷାରେ ବିଭିନ୍ନ ବିଦେଶୀ ଭାଷାର ବ୍ୟବହୃତ ଶବ୍ଦ ସଂପର୍କରେ ଆଲୋଚନା କର ।	15
3.	ନିମ୍ନଲିଖିତ ପ୍ରଶ୍ନର ଉତ୍ତର ପ୍ରଦାନ କର :	
3.(a)	ଉତ୍ତରାଞ୍ଚଳୀୟ ଓଡ଼ିଆ ଭାଷାର ଭାଷାତାତ୍ତ୍ୱିକ ଆଲୋଚନା କର ।	20
3.(b)	ଓଡ଼ିଆ ସ୍ୱରଧ୍ୱନିର ଧ୍ୱନ୍ୟାତ୍ମକ ବୈଶିଷ୍ଟ୍ୟ ପ୍ରତିପାଦନ କର ।	15
3.(c)	ଆଧୁନିକ ଭାରତୀୟ-ଆର୍ଯ୍ୟଭାଷାରେ ଓଡ଼ିଆ ଭାଷାର ସ୍ଥାନ ନିରୂପଣ କର ।	15
4.	ନିମ୍ନ ପ୍ରଦତ୍ତ ପ୍ରଶ୍ନ ଉପରେ ଆଲୋଚନା କର :	
4.(a)	ଶବ୍ଦଚୟନ ଓ ବାକ୍ୟଗଠନ ବିଧିରେ ଓଡ଼ିଆ ଭାଷା ଉପରେ ଇଂରାଜୀ ଭାଷାର ପ୍ରଭାବ ।	20
4.(b)	'ଯୋଗାତ୍ମକ' ଓ 'ଅଯୋଗାତ୍ମକ' ବାକ୍ୟ ମଧ୍ୟରେ ପାର୍ଥକ୍ୟ ।	15
4.(c)	ଓଡ଼ିଆ ଭାଷା ସହିତ ଭଦ୍ରୀ ଭାଷାର ତୁଳନାତ୍ମକ ଅଧ୍ୟୟନ ।	15

ବିଭାଗ 'B' SECTION 'B'

5.	ନିମ୍ନ ପ୍ରଦତ୍ତ ପ୍ରତ୍ୟେକ ପ୍ରଶ୍ନର ଉତ୍ତର **150** ଶବ୍ଦ ମଧ୍ୟରେ ଦିଅ :	10×5=50
5.(a)	ମାଦଳାପାଞ୍ଜିର ଐତିହାସିକ ମୂଲ୍ୟ	10
5.(b)	ଅଚ୍ୟୁତାନନ୍ଦଙ୍କ ମାଳିକାରେ ସାମାଜିକ ମୂଲ୍ୟବୋଧ	10
5.(c)	ଚମ୍ପୂର ରଚନାଶୈଳୀ	10
5.(d)	ସତ୍ୟବାଦୀ ସାହିତ୍ୟରେ ଉତ୍କଳୀୟତା	10
5.(e)	ବ୍ରାହ୍ମଧର୍ମର ସାମାଜିକ ପ୍ରେକ୍ଷାପଟ	10
6.	ନିମ୍ନ ପ୍ରଶ୍ନଗୁଡ଼ିକର ଉତ୍ତର ପ୍ରଦାନ କର :	
6.(a)	ସାଂପ୍ରତିକ ଜୀବନରେ ଓଡ଼ିଆ ଭାଗବତର ମହତ୍ତ୍ୱ ଉଲ୍ଲେଖ କର ।	20
6.(b)	ଓଡ଼ିଆ ଉପନ୍ୟାସରେ ମନସ୍ତାତ୍ତ୍ୱିକ ଚିନ୍ତାଧାରାର ପ୍ରୟୋଗ ଉପରେ ଆଲୋଚନା କର ।	15
6.(c)	ଚଉତିଶାର ଗଠନଗତ ବୈଚିତ୍ର୍ୟ ଦର୍ଶାଅ ।	15
7.	ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ପ୍ରଦାନ କର :	
7.(a)	ଆଧୁନିକ ଓଡ଼ିଆ କ୍ଷୁଦ୍ରଗଳ୍ପରେ ବିଭିନ୍ନ ସମସ୍ୟା କିପରି ରୂପାୟିତ, ଆଲୋଚନା କର ।	20
7.(b)	ପଞ୍ଚସଖା ସାହିତ୍ୟରୁ ପିଣ୍ଡବ୍ରହ୍ମାଣ୍ଡ ତତ୍ତ୍ୱର ମହତ୍ତ୍ୱ ଉଲ୍ଲେଖ କର ।	15
7.(c)	ଆଧୁନିକ ଓଡ଼ିଆ ସାହିତ୍ୟର ବିକାଶରେ ନବଜାଗରଣର ଭୂମିକା ଉପରେ ଆଲୋକପାତ କର ।	15
8.	ନିମ୍ନ ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ :	
8.(a)	ମଧ୍ୟଯୁଗୀୟ ଓଡ଼ିଆ ଗୀତିକବିତାର ରୂପବୈଚିତ୍ର୍ୟ ଉପରେ ଆଲୋକପାତ କର ।	20
8.(b)	ଓଡ଼ିଆ ରମ୍ୟରଚନାର ବୈଶିଷ୍ଟ୍ୟ ବିଚାର କର ।	15
8.(c)	ଓଡ଼ିଆ ପଦାବଳୀ ସାହିତ୍ୟର ସାଙ୍ଗୀତିକ ମୂଲ୍ୟ ସଂପର୍କରେ ଆଲୋଚନା କର ।	15

Optional Province · optionalprovince.com